# Prime Minister’s participation in the Quad Leaders’ Summit

September 24, 2021

## କ୍ୱାଡ ନେତାଙ୍କ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ

**ସେପ୍ଟେମ୍ବର 24, 2021**

24 ସେପ୍ଟେମ୍ବର 2021 ରେ ଆମେରିକାର ୱାଶିଂଟନ ଡିସିଠାରେ ପ୍ରଥମଥର ପାଇଁ ବ୍ୟକ୍ତିଗତ ଭାବେ ଆୟୋଜିତ କ୍ୱାଡ ନେତାଙ୍କ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ, ଜାପାନର ପ୍ରଧାନମନ୍ତ୍ରୀ ୟୋସିହିଡେ ସୁଗା ଏବଂ ଆମେରିକାର ରାଷ୍ଟ୍ରପତି ଜୋସେଫ ବାଇଡେନ ମଧ୍ୟ ଭାଗ ନେଇଥିଲେ। ନେତାମାନଙ୍କ ମଧ୍ୟରେ ବେଶ ଗୁରୁତ୍ୱପୂର୍ଣ୍ଣ ମତ ବିନିମୟ ହୋଇଥିଲା ଯାହା କ୍ୱାଡ ଫ୍ରେମୱାର୍କର ସହଭାଗୀ ଆଗ୍ରହ, ମୂଲ୍ୟବୋଧ ଏବଂ ଅନ୍ତର୍ନିହିତ ସିଦ୍ଧାନ୍ତକୁ ସୁଦୃଢ଼ କରିଥିଲା।

2. ଆଫଗାନିସ୍ତାନ ଏବଂ ଦକ୍ଷିଣ ଏସିଆ ଓ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଆଞ୍ଚଳିକ ପରିସ୍ଥିତି ଉପରେ ନେତାମାନେ ସେମାନଙ୍କର ଦୃଷ୍ଟିକୋଣ ଉପସ୍ଥାପନା କରିଥିଲେ। ଆଫଗାନିସ୍ତାନ ଉପରେ ସେମାନେ ଆତଙ୍କବାଦର ମୁକାବିଲା ଏବଂ ମାନବିକ ସହାୟତା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବାକୁ ରାଜି ହୋଇଥିଲେ ଏବଂ ତାଲିବାନକୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ 2593 ପାଳନ କରିବାକୁ ଆହ୍ୱାନ ଦେଇଥିଲେ।

3. କ୍ୱାଡ ନେତାମାନେ ଛାୟା ଆତଙ୍କବାଦ ବ୍ୟବହାରକୁ ନିନ୍ଦା କରିବା ସହ ଆତଙ୍କବାଦୀ ଗୋଷ୍ଠୀକୁ କୌଣସି ଲଜିଷ୍ଟିକ, ଆର୍ଥିକ କିମ୍ବା ସାମରିକ ସହାୟତାକୁ ପ୍ରତ୍ୟାଖ୍ୟାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ସୀମାପାର ଆକ୍ରମଣ ସମେତ ଆତଙ୍କବାଦୀ ଆକ୍ରମଣ କରିବା କିମ୍ବା ଯୋଜନା କରିବାରେ ବ୍ୟବହୃତ ହୋଇପାରେ।

4. କ୍ୱାଡ ନେତାମାନେ ସେମାନଙ୍କର ମାର୍ଚ୍ଚ 2021 ଶିଖର ସମ୍ମିଳନୀ ପରଠାରୁ ହୋଇଥିବା ଅଗ୍ରଗତି ବିଶେଷକରି କୋଭିଡ-19 ଟିକା ସହଭାଗୀତାର ସମୀକ୍ଷା କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କରିଥିଲେ ଯେ ଭାରତ ଅକ୍ଟୋବର 2021 ରୁ ଭାରତ ନିର୍ମିତ ଆଠ ଲକ୍ଷ ଡୋଜ କୋଭିଡ 19 ଟିକା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଯୋଗାଣ ଆରମ୍ଭ କରିବ। ଆନ୍ତର୍ଜାତିକ ଯାତ୍ରାକୁ ସ୍ୱାଭାବିକ କରିବା ଏବଂ ପୂର୍ବାନୁମାନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଦେଶମାନଙ୍କ ମଧ୍ୟରେ ସାଧାରଣ ଯାତ୍ରା ନିୟମ ଏବଂ ଟିକାକରଣ ପ୍ରମାଣପତ୍ରର ପାରସ୍ପରିକ ଅନୁମୋଦନ ପାଇଁ ପ୍ରସ୍ତାବ ଦେଇଥିଲେ।

5. ଜଳବାୟୁ ପରିବର୍ତ୍ତନ, ଜାହାଜ ଚଳାଚଳ ଏବଂ ବନ୍ଦର କାର୍ଯ୍ୟରେ ଡିକାର୍ବୋନାଇଜେସନ ପ୍ରୟାସ, ସ୍ୱଚ୍ଛ ହାଇଡ୍ରୋଜେନ ପ୍ରଯୁକ୍ତିବିଦ୍ୟା ନିୟୋଜନ, ଦାୟିତ୍ୱବାନ ତଥା ମଜବୁତ ସ୍ୱଚ୍ଛ ଶକ୍ତି ଯୋଗାଣ ଶୃଙ୍ଖଳାର ଆବଶ୍ୟକତା ଉପରେ ନେତାମାନେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଆମର ନିଜସ୍ୱ ଶକ୍ତି ଏବଂ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ଏକ ଆନ୍ତର୍ଜାତିକ ସବୁଜ ହାଇଡ୍ରୋଜେନ ମେଣ୍ଟ ପାଇଁ ପ୍ରସ୍ତାବ ଦେଇଛନ୍ତି। ନେତାମାନେ ଏକ ସିପିଂ ଟାସ୍କଫୋର୍ସର ମଧ୍ୟ ଶୁଭାରମ୍ଭ କରିଥିଲେ ଯାହା ସିପିଂ ମୂଲ୍ୟ ଶୃଙ୍ଖଳାକୁ ସବୁଜ କରିବା ତଥା ଡିକାର୍ବୋନାଇଜ କରିବା ପାଇଁ ସମନ୍ୱୟ ରକ୍ଷା କରିବ। ମୁମ୍ବାଇ ପୋର୍ଟ ଟ୍ରଷ୍ଟ ଅନ୍ୟ ତିନୋଟି କ୍ୱାଡ ଦେଶର ବନ୍ଦର ସହିତ ଏହି ପ୍ରୟାସରେ ଅଂଶଗ୍ରହଣ କରିବ।

6. ପ୍ରଯୁକ୍ତିବିଦ୍ୟା ଡିଜାଇନ, ବିକାଶ, ଶାସନ ଏବଂ ବ୍ୟବହାର ଉପରେ ନେତାମାନେ କ୍ୱାଡ ସିଦ୍ଧାନ୍ତ ଜାରି କରିଥିଲେ ଯାହା କେବଳ ଅଞ୍ଚଳ ନୁହେଁ ବିଶ୍ୱକୁ ଦାୟିତ୍ୱବାନ, ଖୋଲା, ଉଚ୍ଚ ମାନର ନବସୃଜନ ଦିଗରେ ମାର୍ଗଦର୍ଶନ କରିବ।

7. ଲୋକଙ୍କ ମଧ୍ୟରେ ସଂପର୍କକୁ ସୁଗମ ତଥା ମଜବୁତ କରିବା ପାଇଁ ନେତାମାନେ ଆମେରିକାରେ ଏସଟିଇଏମ କ୍ଷେତ୍ରରେ ସ୍ନାତକୋତ୍ତର ଏବଂ ଡକ୍ଟରାଲ ଡିଗ୍ରୀ ହାସଲ କରିବା ପାଇଁ ପ୍ରତିବର୍ଷ 100 ଜଣ ଛାତ୍ରଙ୍କ ପାଇଁ ଏକ ଫେଲୋସିପ କାର୍ଯ୍ୟକ୍ରମ ଘୋଷଣା କରିଥିଲେ।

8. ଆଞ୍ଚଳିକ ଭିତ୍ତିଭୂମି ଆବଶ୍ୟକତାର ମୂଲ୍ୟାଙ୍କନ ଏବଂ ସମନ୍ୱୟ ରକ୍ଷା ଆଭିମୁଖ୍ୟ, ବୈଷୟିକ ସହାୟତା ଏବଂ ଦକ୍ଷତା ବୃଦ୍ଧି ପ୍ରୟାସର ଆଦାନ ପ୍ରଦାନ ପାଇଁ ଏକ କ୍ୱାଡ ଭିତ୍ତିଭୂମି ସମନ୍ୱୟ ଗୋଷ୍ଠୀର ଶୁଭାରମ୍ଭ କରାଯାଇଥିଲା।

9. ଜଳବାୟୁ ପରିବର୍ତ୍ତନ ଉପରେ ଦୃଷ୍ଟି ରଖିବା ତଥା ଏହାର ସମ୍ମୁଖୀନ ହେବା, ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଏବଂ ସହଭାଗୀ ଡୋମେନଗୁଡିକରେ ସମସ୍ୟାର ମୁକାବିଲା ପାଇଁ ଉପଗ୍ରହ ତଥ୍ୟ ଆଦାନ ପ୍ରଦାନ ପାଇଁ ନେତାମାନେ ଏକ ମହାକାଶ ସହଯୋଗ କାର୍ଯ୍ୟ ଗୋଷ୍ଠୀ ମଧ୍ୟ ସ୍ଥାପନ କରିଥିଲେ।

10. ବିଶ୍ୱ ମଙ୍ଗଳ ପାଇଁ କ୍ୱାଡର ସକରାତ୍ମକ ଗତି ଏବଂ ଏହାର ଗଠନମୂଳକ ଏଜେଣ୍ଡାକୁ ଆଧାର କରି କ୍ୱାଡକୁ ଏକ ଶକ୍ତି ଭାବରେ ନିର୍ମାଣ କରିବା ପାଇଁ ନେତାମାନଙ୍କୁ ଏହି ସମ୍ମିଳନୀ ଏକ ସୁଯୋଗ ପ୍ରଦାନ କରିଥିଲା। ଏକ ମୁକ୍ତ, ଖୋଲା ଏବଂ ଅନ୍ତର୍ଭୁକ୍ତ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ପାଇଁ ନେତାମାନେ ସେମାନଙ୍କର ପ୍ରତିବଦ୍ଧତା ଏବଂ ସହଭାଗୀ ଦୃଷ୍ଟିକୋଣକୁ ଦୋହରାଇଥିଲେ। ନିୟମିତ ଯୋଗାଯୋଗ ବଜାୟ ରଖିବା ଏବଂ ଉଚ୍ଚସ୍ତରୀୟ ଆଲୋଚନା ଜାରି ରଖିବାକୁ ସେମାନେ ରାଜି ହୋଇଥିଲେ।

ସମ୍ମିଳନୀ ଫଳାଫଳ ଡକ୍ୟୁମେଣ୍ଟଗୁଡିକ ହେଉଛି

a. ମିଳିତ ବିବୃତ୍ତି

b. ଫ୍ୟାକ୍ଟ ସିଟ୍

c. ପ୍ରଯୁକ୍ତିବିଦ୍ୟା ଡିଜାଇନ, ବିକାଶ ଏବଂ ଶାସନ ଉପରେ ସିଦ୍ଧାନ୍ତଗୁଡିକର ସ୍ଥିତି

**ୱାଶିଂଟନ ଡି.ସି.**

**ସେପ୍ଟେମ୍ବର 24, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.